# Akashvani, Sambalpur

## SAMBALPURI NEWS EVENING BULLETIN

## 15 June 2026-7.02- 7.12 pm.

---

୧- ସୋମ୍‌ନାଥ୍ ସ୍ୱାଭିମାନ୍ ପର୍ବ ପାଲନ୍ ଅବ୍‌ସରେ ୧୧ ଶହ ନୁ ଅଏତ୍‌କା ଶ୍ରଦ୍ଧାଳୁଙ୍କର୍ ଜ୍ୟୋର୍ତିଲିଙ୍ଗ ଦର୍ଶନ୍ ରେଲ୍‌ଯାତ୍ରାର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ଆଏବା ୧୮ ତାରିଖ୍ ଖୁଲ୍‌ବା ବିଦ୍ୟାଳୟ- କହେଲେ ଗଣଶିକ୍ଷା ମନ୍ତ୍ରୀ ।

୩- ଖରିଫ୍ ଫସଲ୍ ଋତୁ ୨୦୨୬ ଲାଗି ରାଜ୍ୟର୍ ପ୍ରସ୍ତୁତି ଆଉ ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବ୍‌ର ମୁକାବିଲା ବାବ୍‌ଦେ ସମୀକ୍ଷା କଲେ ମୁଖ୍ୟ ଶାସନ୍ ସଚିବ ।

୪- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଲନ୍ ହେଉଛେ ରଜ ସଂକ୍ରାନ୍ତି ।

ଆଉର୍

୫- ଶୀତଲ୍‌ଷଷ୍ଠୀ ଅବ୍‌ସରେ ଶିବ ପାର୍ବତୀଙ୍କର୍ ବିହା ଲାଗି ନନ୍ଦପଡ଼ା ନ ଆଏଜ୍ ହେବା ନରସିଂହ ନିଉତା ।

ସୋମନାଥ ସ୍ୱାଭିମାନ ପର୍ବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ ତରଫୁ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବ ଅବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଭୁବନେଶ୍ୱର୍ ନ ପତାକା ଦେଖେଇକରି ରେଲ୍‌ଯାତ୍ରାର ଶୁଭାରମ୍ଭ କରିଛନ୍ । ରାଏଜୁ ୧୧ ଶହନୁ ଅଏତ୍‌କା ଶ୍ରଦ୍ଧାଳୁ ଗୁଜରାଟର ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଲାଗି ଖାସ୍ ଟ୍ରେନ୍ ଜରିଏ ଯାତ୍ରା କରିଛନ୍ । ଇ ଅବସରେ ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ପବିତ୍ର ବିନ୍ଦୁସାଗରର ପାଏନ୍ ଆର୍ କେଦାରଗୌରୀ ମନ୍ଦିର୍‌ନୁ ମାଏଟ୍ ନେଇକରି ପବିତ୍ର ସୋମନାଥ ଜ୍ୟୋତିର୍ଲିଙ୍ଗ ନ ସମର୍ପିତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପଦକ୍ଷେପ ନିଆଯାଇଛେ । କାର୍ଯ୍ୟକ୍ରମଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏକାମ୍ର ବିଧାୟକ ବାବୁ ସିଂଙ୍କର୍ ସହେତେ ପ୍ରମୁଖ ଲୋକମାନେ ଉପସ୍ଥିତ ଥିଲେ ।

ପଂଚାୟତିରାଜ୍ ମନ୍ତ୍ରୀ          ବଲାଙ୍ଗିର୍ ସମ୍ବାଦଦାତା

ରାଏଜେ ଗଲା ୨ ବଛ୍‌ରେ ବିକାଶ୍‌ର ଧାରା ଦୁଇଗୁନା ହେଇଛେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ନାରୀ ଶକ୍ତି ଓଡ଼ିଶା ଅଧୀନ୍‌ଥି ସୁଭଦ୍ରା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା, ଲକ୍ଷପତି ଦିଦି ସହେତେ ୧୦ ଟା ଯୋଜ୍‌ନାଥି ୧ କୋଟିନୁ ଅଏତ୍‌କା ମହିଲା ସାମିଲ୍ ହେଇଛନ୍ । ସୁସ୍ଥ ଓଡ଼ିଶା ଯୋଜ୍‌ନାଥି ଆୟୁଷ୍ମାନ୍ ଭାରତ୍ ଗୋପବନ୍ଧୁ ଜନଆରୋଗ୍ୟ, ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାଥି ୩ କୋଟିନୁ ଅଏତ୍‌କା ଲୋକ୍ ଲାଭ୍ ପାଇଛନ୍ । ସେନ୍ତା ଚାଷୀମାନ୍‌କର୍ ଲାଗି ପି.ଏମ୍. କିଷାନ୍, ସିଏମ୍ କିଷାନ୍, ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ଆଉ ଶିକ୍ଷାକ୍ଷେତ୍ରଥି ପିଏମ୍‌ଶ୍ରୀ ବିଦ୍ୟାଲୟ, ମୁଖ୍ୟମନ୍ତ୍ରୀ ପୋଷଣ୍ ଯୋଜ୍‌ନା, ଶହୀଦ୍ ମାଧୋସିଂ ହାତଖର୍ଚ୍ଚ ଲାଗୁ କରାଯାଇଛେ । ଉତ୍କର୍ଷ ଓଡ଼ିଶାର୍ ଲାଗି ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା ସେତୁ ବନ୍ଧ ଯୋଜ୍‌ନା ଆଉ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୁଗେଇ ଦିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଖରାଛୁଟି        ହି.ସ.

ରାଏଜେ ଖରାଛୁଟି ଉତ୍ରୁ ଆଏବା ୧୮ ତାରିଖ୍‌ନୁ ସବୁ ସ୍କୁଲ୍ ଖୁଲ୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍‌ନା ଦେଇଛନ୍ । ସ୍କୁଲ୍ ଛୁଟି ବଢ଼ାବାର୍ ବାବ୍‌ଦେ ମନ୍ତ୍ରୀ କହିଛନ୍, ଇହାଦେ ମୌସୁମୀ ଆସୁଛେ ଆଉ ପାଗ୍ ଥଣ୍ଡା ହେଲାନ । ଛୁଟି ବଢ଼୍‌ବାର୍ ବାଗିର୍ କେନ୍‌ସି ସ୍ଥିତି ନାଇଁନ । ଛୁଆମାନ୍‌କର୍ ପାଠ୍‌ପଢ଼ା ଉପ୍‌ରେ ଜୋର୍ ଦେଇକରି ଇ ନିଷ୍ପତି ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ବେଟ୍‌ରୀ ଗାଡ଼ି        ହି.ସ.

ଇନ୍ଧନ୍ ସଂଚୟ ଆଉ ପରିବେଶ୍ ଅନୁକୂଳ ପରିବହନ୍ ବ୍ୟବସ୍ଥାକେ ତହଁକାବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍ ବଡ଼ ନିଷ୍ପତି ନେଇଛନ୍ । ଆଏବା ଦିନେ ରାଜ୍ୟ ସର୍‌କାର୍ ଆଉ ପେଟ୍ରୋଲ୍ ଆଉ ଡିଜେଲ୍ ଚାଲିତ୍ ନୂଆଁ ଗାଡ଼ି ନାଇଁ ଘିନନ୍ ବଲି ରାଜ୍ୟ

ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ସୂଚ୍‌ନା ଦେଇଛନ୍ । ଆଏବା ଦିନେ ରାଜ୍ୟ ସର୍‌କାର୍ ବେଟ୍‌ରୀ ଚାଲିତ୍ ଗାଡ଼ି ଘିନ୍‌ବେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ଖରିଫ୍ ଋତୁ ପ୍ରସ୍ତୁତି ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ନ ଏଲ୍‌ନିନୋର ପ୍ରଭାବ୍ କମ୍ ରହେବାର୍ ସମ୍ଭାବନା ଅଛେ, ହେଲେଭିଲ୍ ପୁରା ପ୍ରସ୍ତୁତ୍ ରହେବାର୍‌କେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଅଧିକାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ଖରିଫ୍ ଫସଲ୍ ଋତୁ ୨୦୨୬ ଲାଗି ରାଜ୍ୟ ପ୍ରସ୍ତୁତି ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାର୍ ସ୍ଥିତି, ଆକଳନ୍ ଆଉ ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବ୍‌ର ମୁକାବିଲା ବାବ୍‌ଦେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଶ୍ରୀମତୀ ଗର୍ଗ ଆଗ୍‌ତୁରା ପ୍ରସ୍ତୁତି ଆଉ ସମନ୍ୱିତ୍ କାର୍ଯ୍ୟାନୁଷ୍ଠାନ୍ ଉପ୍‌ରେ ଜୋର୍ ଦେଇଛନ୍ । ବୈଠକ୍‌ଥି ଆଂଚଲିକ୍ ପାଣିପାଗ୍ ବିଭାଗ୍ ତର୍‌ଫୁ ଦିନ୍‌କିଆ, ହପ୍ତାକିଆ, ମାସିକ୍ ଆର୍ ଦୀର୍ଘମିଆଦୀ ମୌସୁମୀ ବର୍ଷା

ପୂର୍ବାନୁମାନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ସାମଗ୍ରିକ ଜଳ ପରିଚାଳନା ଆଉ ଜଲ୍‌ସେଚନ୍ କାର୍ଯ୍ୟକ୍ରମ୍‌ର ନିରନ୍ତର୍ ସମୀକ୍ଷା ଆଉ ଦର୍‌କାରୀ ପରାମର୍ଶ ଦେବାର୍ ଲାଗି ଗୁଟେ ଖାସ୍ ଟାସ୍କଫୋର୍ସ କମିଟି ଗଠନ୍ କର୍‌ବାର୍ ବାବ୍‌ଦେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ରଜ ସଂକ୍ରାନ୍ତି          ପୁରୀ/ ବୌଦ୍ଧ ସମ୍ବାଦଦାତା

ପବିତ୍ର ରଜ ଉସ୍ଵବ୍‌ର ୨ ନମ୍ବର୍ ଦିନେ ଆଏଜ୍ ରଜ ସଂକ୍ରାନ୍ତି ପାଲନ୍ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲୁକେ ପିଠାପନା କରିକରି ଦୁଲି ଖେଲ୍‌ର ମଜା ନଉଛନ୍ ।

ରଜ ଉସ୍ଵବ୍‌ର ୩ ନମ୍ବର୍ ଦିନେ ଆଏବା କାଏଲ୍ ଭୂମିଦହନ୍ କରାହେବା ଆଉ ପର୍‌ଦିନ ବସୁମତୀ ସ୍ନାନ କରାଯାଇକରି ରଜ ପର୍ବ ଶେଷ୍ ହେବା ।

ବୌଦ୍ଧ ସହର୍ ଆଉ ହର୍‌ଭଙ୍ଗା ବ୍ଲକ୍‌ର କେତେଟା ଗାଁ ନ ଉସତ୍ ଉସ୍‌ନାକିର୍ ସହେତେ ରଜ ଉସ୍ଵବ୍ ପାଲନ୍ କରାଯାଉଛେ । ଇ

ଅବ୍‌ସରେ ଘରେ ଘରେ ପିଠାପନା, ରଜ ପାନ, କାକ୍‌ରା, ଆଡ଼୍‌ସା ବନାୟିବାର୍ ସହେତେ ଟୁକେଲ୍ ଛୁଆମାନେ ଦୁଲିଖେଲ୍‌ର ମଜା ନଉଛନ୍ ।

ନରସିଂହ ନିଉତା          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ଆଏଜ୍ ରାତି ନରସିଂହ୍ ମହାପୁରୁ ସହରର୍ ଦେ'ଦେବ୍‌ତାଙ୍କୁ ନିଉତା ଦେବାର୍ ଲାଗି ବାହାର୍‌ବେ । ନର୍‌ସିଂହ ମହାପୁରୁ ବାଜାଗାଜା ସହେତେ ଗୁଟେ ଶୋଭାଯାତ୍ରାଥି ଭିନ୍ ଭିନ୍ ମନ୍ଦିର୍‌କେ ଯାଇକରି ନିଉତା ଦେବେ । ଇ ବାବ୍‌ଦେ ନନ୍ଦପଡ଼ା ଶୀତଲ୍‌ଷଷ୍ଠୀ କମିଟି ସଭାପତି ସମୀର୍ ରଞ୍ଜନ୍ ବାବୁ କହିଛନ୍....

(ଭଏସ୍ ଓଭର୍- ସମୀର୍ ରଞ୍ଜନ୍ ବାବୁ)

ଇତାର୍ ଆଘୋନୁ ଗଲାକାଏଲ୍ ଦେବଦମ୍ପତିଙ୍କର୍ ବିହା ଲାଗି ପତର୍‌ପେଁଡ଼ି ନୀତି ହେଇଯାଇଛେ ।

ସେନ୍ତା ଆଏବାକାଏଲ୍ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଇତାର୍‌ଉତ୍‌ରୁ ଅଲ୍‌ଗା କମିଟିମାନ୍‌କର୍ ନିଉତା ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସପ୍ତାହ ବ୍ୟାପୀ ଯୋଗ ମହୋତ୍ସବ        ହି.ସ.

ଅନ୍ତର୍ଜାତୀୟ ଯୋଗ ଦିବସ୍ ୨୦୨୬ ଦିବସ୍ ପାଲନ୍ ଆଘୋନୁ ରାଜ୍ୟ କ୍ରୀଡ଼ା ବିଭାଗ୍ ଆଉ ଓଡ଼ିଶା ଯୋଗ ମହୋତ୍ସବ୍ ସମିତି ତର୍‌ଫୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ 'ସପ୍ତାହ ବ୍ୟାପୀ ଯୋଗ ମହୋତ୍ସବ୍' ମୁଲ୍ ହେଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆଉ ବିଭାଗ୍‌ର ଶାସନ୍ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଯୋଗ୍ ଦେଇକରି ଶିବିର୍‌ର ଶୁଭାରମ୍ଭ କରିଥିଲେ । ବ୍ୟକ୍ତିଗତ୍ ସୁରକ୍ଷା ଲାଗି ଯୋଗନୁ ବଡ଼ ମାଧ୍ୟମ୍ କିଛି ନାଇଁନ । ଆଉ ଇତାକେ ସବୁଦିନ୍ କର୍‌ବାର୍ ଦର୍‌କାର୍ ବଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ । ଇ ମହୋତ୍ସବ୍ ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା ।

ଇତାର୍ ସହେତେ ୨୧ ତାରିଖ୍ ୧୨ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ମହାସମାରୋହଥି ପାଲିତ୍ ହେବା ।

ଫକୀର ମୋହନ-ମହାପ୍ରୟାଣ ଆର୍ଏନ୍ୟୁ/ କଟକ୍

ବ୍ୟାସକବି ଫକୀର୍ ମୋହନ୍ ସେନାପତିଙ୍କର୍ ଆଏଜ୍ ହେଉଛେ ଶହେ ୮ ତମ ମହାପ୍ରୟାଣ ଦିବସ । ୧୮୪୩ ମସିହା ମକର ସଂକ୍ରାନ୍ତୀଥି ଜନମ୍ ହେଇଥିବା ସଂକ୍ରାନ୍ତି ପୁରୁଷ ଫକୀର ମୋହନ୍ ୧୯୧୮ ମସିହାଥି ରଜ ସଂକ୍ରାନ୍ତି ଦିନ ସେ ଦେହତ୍ୟାଗ କରିଥିଲେ । ଓଡ଼ିଆ ଭାଷା ସୁରକ୍ଷା ଲାଗି ସଂଗ୍ରାମ୍ ଆଉ ଓଡ଼ିଆ ସାହିତ୍ୟକେ ତାଙ୍କର୍ ଅବଦାନ୍ ଲାଗି ସେ ସବୁଦିନ ସୁର୍ତା ହେଇକରି ରହିଛନ୍ । ଫକୀର୍ମୋହନ୍ ସେନାପତିଙ୍କୁ ଆଧୁନିକ୍ ଓଡ଼ିଆ କଥା ସାହିତ୍ୟର୍ ଜନକ କୁହାଯାଏସି । ସେ ସାଧାରଣ ଲୁକ୍କର୍ ଭାଷାଥି ଲେଖିକରି ଓଡ଼ିଆକେ ଗୁଟେ ଖାସ୍ ପରିଚୟ ଦେଇଥିଲେ । ୬ ମାଣ ଆଠଗୁଣ୍ଠ ତାଙ୍କର୍ ସବୁନୁ ବଡ଼ ଲୋକପ୍ରିୟ ଉପନ୍ୟାସ୍ । ଫକୀର୍ମୋହନ୍ ତାଙ୍କର୍ ଲେଖା, ସାମ୍ବାଦିକତା ଆଉ

ସାମାଜିକ୍ କାର୍ଯ୍ୟକଳାପ ଜରିଏ ଓଡ଼ିଆ ଭାଷାର୍ ମର୍ଯ୍ୟାଦା ଆଉ ସ୍ୱାଧୀନତାକେ ବର୍‌କସ୍ କରିଥିଲେ । ଇ ଅବ୍‌ସରେ ଆଏଜ୍ ଭିନ୍ ଭିନ୍ ଜାଗା ନ ସ୍ମୃତିସଭାର୍ ଆୟୋଜନ୍ କରାଯାଇଛେ ।

ବରିଷ୍ଠ ନାଗରିକ୍ ସୁରକ୍ଷା ଦିବସ୍/ଆର୍‌ଏନ୍‌ୟୁ/ ସମ୍ବଲପୁର/ନୂଆପଡ଼ା

ବରିଷ୍ଠ ନାଗରିକ୍‌ମାନ୍‌କର୍ ବିରୋଧ୍‌ଥି ହେଉଥିବା ନିର୍ଯ୍ୟାତନା ଆଉ ଅବହେଲାକେ ବନ୍ଦ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ବରିଷ୍ଠ ନାଗରିକ୍ ନିର୍ଯ୍ୟାତନା ନିରୋଧ୍ ସଚେତନତା ଦିବସ୍ ପାଲନ୍ କରାଯାଉଛେ । ସମାଜ୍‌ଥି ଧିରେ ଧିରେ ବରିଷ୍ଠ ବ୍ୟକ୍ତିମାନେ ଏକ୍‌ଲା ଉପେକ୍ଷିତ ଆଉ ନିର୍ଯ୍ୟାତିତ ହେଉଥିବାର୍ ବେଲେ ଲୋକ୍‌ମାନ୍‌କୁ ଇ ବାବ୍‌ଦେ ସଚେତନ୍ କରାବାର୍ ଆଉ ସେମାନ୍‌କର୍ ସର୍ବାଙ୍ଗିନ ଉନ୍ନତି ଲାଗି ୨୦୧୧ ମସିହା ଜୁନ୍ ମାସର୍ ୧୫ ତାରିଖ୍‌ନୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ସମସ୍ୟାର୍ ସରଳ ସ୍ୱୀକୃତିକେ ପାର୍ କର୍‌ବାର୍ ଆଉ କାର୍ଯ୍ୟକ୍ଷମ୍ ପଦ୍ଧତିଗତ ସମାଧାନ୍ ଲାଗି ଜୋର୍ ଦେବାର୍' । ବରିଷ୍ଠ

ନାଗରିକ୍‌ମାନ୍‌କୁ ଭିନ୍ ଭିନ୍ ଦିଗେ ଦିଆଯାଉଥିବା ନିର୍ଯ୍ୟାତନାକେ ବନ୍ଦ୍ କରିକରି ସେମାନ୍‌କର୍ ପରିବାର୍ ସାଙ୍ଗେ ଆଉ ସାମାଜିକ୍ ମୂଲ୍ୟବୋଧ୍‌ଥି ବଂଚ୍‌ବାର୍ ଲାଗି ସର୍‌କାରୀ ଆଉ ବେସର୍‌କାରୀସ୍ତର୍‌ଥି ଚେରେଷ୍ଟା କରାଯାଉଛେ ।

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବିଶ୍ୱ ବୟସ୍କ ନାଗରିକ୍ ଦୁର୍ବବ୍ୟହାର୍ ସଚେତନ୍‌ତା ଦିବସ୍ କୋମ୍‌ନା ଠାନେ ପାଲିତ୍ ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ନବନୀତ ଦାସ ଇଥି ଯୋଗ୍ ଦେଇକରି ବରିଷ୍ଠ ନାଗରିକ୍ ସମାଜ୍‌ର ଝନେ ବିଜ୍ଞ ଆଉ ସମାନ୍‌ସ୍ୱଦ ବ୍ୟକ୍ତି ବଲି କହିଛନ୍ ।

ଏକ୍ ପେଡ୍ ମା କେ ନାମ୍ ୩.୦ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ବନଖଣ୍ଡ ତର୍‌ଫୁ ଖୁଜେନ୍‌ପାଲି ଠାନେ ଏକ୍ ପେଡ୍ ମା କେ ନାମ୍‌ର ୩ ନମ୍ବର୍ ଖେପ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପରିବେଶ୍‌କେ

ସନ୍ତୁଲିତ୍ ରଖ୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଚେରେଷ୍ଟାକେ ପ୍ରଶଂସା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ପୁହୁଁଚିଛେ । ଆଏବା ୪ ନୁ ୫ ଦିନ୍ ଭିତ୍‌ରେ ମୌସୁମୀ ରାଜ୍ୟର୍ ଅଲ୍‌ଗା ଜାଗା ମାନ୍‌କେ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ହପ୍ତା ଶେଷ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା । ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୯ ଟା ଜିଲ୍ଲା ନ ଧୁକାଗର୍ଡ଼ି ଆଉ ବିଜ୍‌ଲି ମାରିକରି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ବୌଦ୍ଧ ନ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାପାମାତ୍ରା ୪୩ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।